
# ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ଘୋଷଣା ତଥା ବିଶେଷଜ୍ଞ କମିଟି ଗଠନ ଓ ତାହାର କାର୍ଯ୍ୟାବଳୀ, ଆବଶ୍ୟକୀୟ ବିଜ୍ଞାନ ସମ୍ମତ ତଥ୍ୟ, ଥଇଥାନ ଓ ଅନ୍ୟାନ୍ୟ ବିଷୟବସ୍ତୁ ସମ୍ପର୍କୀୟ ମାର୍ଗଦର୍ଶିକା




**ବସୁନ୍ଧରା**

ପ୍ଲଟ୍ ନଂ – ୧୫, ସହିଦ୍ ନଗର

ଭୁବନେଶ୍ୱର – ୭୫୧୦୦୭

ଫୋନ୍ ନଂ: (୦୬୭୪) – ୨୫୪୨୦୧୧/୦୧୨/୦୨୮

କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳି ଘୋଷଣା କରିବେ ବୋଲି 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀ (ଜଙ୍ଗଲାଧିକାର ସ୍ୱୀକୃତି) ଆଇନ୍ ୨୦୦୬'ରେ ଉଲ୍ଲେଖ କରାଯାଇଛି । ସୂଚିତ ଆଇନ୍ ଅନୁସାରେ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏକ ବିଶେଷଜ୍ଞ କମିଟି ଗଠନ କରିବେ ଏବଂ ଏହି ଦଳ ବିଭିନ୍ନସ୍ତରରେ ବିଚାରବିମର୍ଷ କରି ମନ୍ତ୍ରଣାଳୟକୁ ଆସିଥିବା ପ୍ରସ୍ତାବକ ଉପରେ ନିଜର ମତାମତ ପ୍ରଦାନ କରିବେ । ଉକ୍ତ ମତାମତକୁ ଆଧାର କରି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ଘୋଷଣା ନିମନ୍ତେ ପଦକ୍ଷେପ ନେବେ । ଏ ସମସ୍ତ କାର୍ଯ୍ୟକୁ ବିଧିବଦ୍ଧ ଭାବେ ସମ୍ପାଦନ କରିବା ନିମନ୍ତେ ଏହି ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ବନ୍ୟଜନ୍ତୁ ଆବାସସ୍ଥଳି ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ସଂଲଗ୍ନ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ମାପକାଠି ଓ ପକ୍ରିୟା ସଂପର୍କରେ ଉଲ୍ଲେଖ କରାଯାଇଛି ।

## ୧. ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳି ଘୋଷଣା ପାଇଁ ଦରଖାସ୍ତ:

(କ) ସୂଚିତ ଆଇନ୍ ଅନୁସାରେ ରାଜ୍ୟ ସରକାର ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳି ଘୋଷଣା ପାଇଁ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟକୁ ଦରଖାସ୍ତ ମାଧ୍ୟମରେ ପକ୍ରିୟାର ଅୟମାରମ୍ଭ କରିବେ । ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟକୁ କରାଯାଇଥିବା ଆବେଦନ ପତ୍ରର ଏକ ଏକକିତା ନକଲ କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟକୁ ମଧ୍ୟ ପ୍ରେରଣ କରିବେ । ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ପତ୍ର ଅବା ଦରଖାସ୍ତଟି ମାର୍ଗଦର୍ଶିକାରେ ବର୍ଣ୍ଣିତ ତଥ୍ୟାନୁସାରେ ପ୍ରସ୍ତୁତ ହୋଇଥିବା ଦରକାର ।

## ୨. ବ୍ୟାଘ୍ର ସଂରକ୍ଷିତ ଅବା ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳରେ ସଙ୍କଟାପନ୍ନ ବ୍ୟାଘ୍ର ଅବା ବନ୍ୟଜନ୍ତୁ ଆବାସସ୍ଥଳୀର ନିର୍ଦ୍ଧାରଣ କରିବା ପାଇଁ ଆବଶ୍ୟକୀୟ ମାପକାଠି ଓ ପଦ୍ଧତି:

ବ୍ୟାଘ୍ର ତଥା ଅନ୍ୟାନ୍ୟ ଉଦ୍ଭିଦ ଓ ଜୀବଜନ୍ତୁମାନଙ୍କର ଜୀବନକ୍ଷମ ପରିସଂସ୍ଥାନ ବ୍ୟବସ୍ଥାକୁ ସୁରକ୍ଷିତ କରିବାକୁ ହେଲେ ପ୍ରାକୃତିକ ଅଗମ୍ୟ ଅଞ୍ଚଳ ତଥା ଜୈବ ବିବିଧତାକୁ ଅକ୍ଷତ ରଖିବା ଦରକାର । ଏହାକୁ ଲକ୍ଷ୍ୟ କରାଯାଇ ନିମ୍ନୋକ୍ତ ମାପକାଠିକୁ ଅନୁକରଣ କରାଯିବା ଉଚିତ୍:

(କ) ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬, ବନ୍ୟପ୍ରାଣୀ (ସୁରକ୍ଷା) ଆଇନ୍ ୧୯୭୨, ଯାହାକି ୨୦୦୬ ମସିହାରେ ସଂଶୋଧିତ ହୋଇଛି; ତଦନୁସାରେ ବ୍ୟାଘ୍ର ଅବା ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ନିମନ୍ତେ ଘୋଷିତ ବ୍ୟାଘ୍ର ଅବା ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳଗୁଡ଼ିକରେ ବାଘ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ପରିସଂଖ୍ୟାନକୁ ଭରଣପୋଷଣ କରିବାକୁ ହେଲେ ଉକ୍ତ ଅଞ୍ଚଳଗୁଡ଼ିକୁ ଚିହ୍ନିତ/ ନକ୍ସା ପ୍ରସ୍ତୁତ କରିବା ଆବଶ୍ୟକ ।

*(ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୦୬ ମସିହାରେ ସଂଶୋଧିତ ହୋଇଥିବା ବନ୍ୟଜନ୍ତୁ (ସୁରକ୍ଷା) ଆଇନ୍ ୧୯୭୨ରେ ଏପରି ଅଞ୍ଚଳକୁ 'ସଙ୍କଟାପନ୍ନ ବ୍ୟାଘ୍ର ଆବାସସ୍ଥଳୀ' ରୂପେ ଉଲ୍ଲେଖିତ ହୋଇଥିବା ବେଳେ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ରେ 'ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ' ରୂପେ ବର୍ଣ୍ଣନା କରାଯାଇଛି ।)*

(ଖ) ବାଘ ବସବାସ କରୁଥିବା ଅଞ୍ଚଳରେ ବାଘର ଜୀବନକ୍ଷମ ପରିସଂସ୍ଥାନ ବ୍ୟବସ୍ଥାକୁ ଅକ୍ଷତ ରଖିବାକୁ ହେଲେ ସର୍ବନିମ୍ନ ୮୦୦ – ୧୦୦୦ ବର୍ଗ କିଲୋମିଟର ପରିଧି ବିଶିଷ୍ଟ ଅଞ୍ଚଳକୁ ଅକ୍ଷତ ଅଞ୍ଚଳ ରୂପେ ବଜାୟୀ ରଖିବା ଦରକାର । ବ୍ୟାଘ୍ର ଜୀବନ ଇତିହାସର ମାନଦଣ୍ଡ, ଭୂ-ଭାଗ ଆକାର ଓ ପରିସଂଖ୍ୟାନ ଭରଣପୋଷଣକୁ ଆଧାର କରି ଅକ୍ଷତ ଅଞ୍ଚଳ ନିର୍ଦ୍ଧାରଣ ହେବା ଦରକାର ।

(ଗ) ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ବ୍ୟତୀତ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟରେ ଥିବା ପ୍ରତ୍ୟେକ ପ୍ରଜାତିଗୁଡ଼ିକର ଜୈବ-ଭୌଗୋଳିକ ଅଞ୍ଚଳକୁ ନେଇ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀର ଭୌଗୋଳିକ ସୀମା ଚିହ୍ନଟ ହେବା ଦରକାର । ଏଥିପାଇଁ ଭାରତୀୟ ବନ୍ୟଜନ୍ତୁ ଅନୁଷ୍ଠାନ ଦ୍ୱାରା ୧୯୮୮ ମସିହାରେ ପ୍ରକାଶିତ ସନ୍ଦର୍ଭକୁ (ରେଡ଼ଜର ଏବଂ ପନୱର ୧୯୮୮) ଅନୁକରଣ କରାଯାଇପାରେ । ପ୍ରତ୍ୟେକ ଜୈବ-ଭୌଗୋଳିକ ଅଞ୍ଚଳ ମଧ୍ୟରେ କେତେ ପରିମାଣ ଅଞ୍ଚଳକୁ ଅକ୍ଷତ ଅଞ୍ଚଳ ରୂପେ ଚିହ୍ନଟ କରାଯିବ, ତାହାକୁ ନିର୍ଦ୍ଧାରଣ କରିବା ସମୟରେ ସେ ଅଞ୍ଚଳରେ ବସବାସ କରୁଥିବା ପ୍ରମୁଖ

ପ୍ରଜାତିର ପରିସଂଖ୍ୟାନ ଓ ତାହାର ଭରଣପୋଷଣ ପାଇଁ ଆବଶ୍ୟକୀୟ ସ୍ଥାନ ଆଦିକୁ ବିଚାରବିମର୍ଷ କରାଯିବା ଉଚିତ୍, ଯାହାକି ସେହି ଅଞ୍ଚଳର ସମସ୍ତ ଜୈବ ବିବିଧତାକୁ ସଂରକ୍ଷିତ ରଖିବାରେ ସହାୟତା କରିବ ।

*(ପ୍ରମୁଖ ପ୍ରଜାତି ମଧ୍ୟର ତୃଣଭୋଜି ଓ ମାଂସାସୀ ବନ୍ୟପ୍ରାଣୀ, ସ୍ଥାନୀୟ ସୂଚାଙ୍କ ପ୍ରଜାତି, ସଙ୍କଟାପନ୍ନ ଏବଂ ବିପଦସଙ୍କୁଳ ପ୍ରଜାତି, ଭ୍ରାମ୍ୟମାଣ ପ୍ରଜାତି ଆଦିକୁ ଅର୍ନ୍ତଭୁକ୍ତ କରାଯାଇଛି । ପୁନଶ୍ଚ ପ୍ରଜାତି କହିଲେ ବନ୍ୟପ୍ରାଣୀ, ବୃକ୍ଷରାଜି, ତୃଣ-ଗୁଳ୍ମ-ଲତା, ସରୀସୃପ, କୀଟପତଙ୍ଗ ଆଦି ଅଟେ)*

**(ଘ)** ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ବ୍ୟତିତ, ଚିହ୍ନଟ କରାଯାଇଥିବା ବନ୍ୟଜନ୍ତୁଗୁଡ଼ିକର ଚଲାପଥ ଅବା ଯାତାୟତ ପଥକୁ ମଧ୍ୟ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇପାରେ । ଏଭଳି ସ୍ଥାନଗୁଡ଼ିକର ନକ୍ସା ତିଆରି ସମୟରେ ଉପରୋକ୍ତ ମାପକାଠି ବ୍ୟବହାର କରାଯାଇ ପାରେ ।

## ୩. ବିଶେଷଜ୍ଞ କମିଟି, ଏହାର ଗଠନ ଓ କାର୍ଯ୍ୟ

୩.୧ ଉପରେ ବର୍ଣ୍ଣିତ ମାପକାଠି ଅନୁଯାୟୀ ଅକ୍ଷତ ଅଞ୍ଚଳ ଘୋଷଣାର ପକ୍ରିୟାକୁ ପୂର୍ଣ୍ଣାଙ୍ଗ ଅବା ନିର୍ଦ୍ଦିଷ୍ଟ କରିବା ପାଇଁ ନିମ୍ନୋକ୍ତ କମିଟିଗୁଡ଼ିକ ଗଠିତ ହେବ:

**(କ) କେନ୍ଦ୍ରୀୟ କମିଟି:**

- ଅତିରିକ୍ତ ଡ଼ିଜି ଜଙ୍ଗଲ ବିଭାଗ (ବନ୍ୟଜନ୍ତୁ) - ଅଧକ୍ଷ
- ସଂପୃକ୍ତ ରାଜ୍ୟର ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ - ସଭ୍ୟ
- ନିର୍ଦ୍ଦେଶକ , WII, ଡେରାଡୁନ୍ - ସଭ୍ୟ
- ଶ୍ରୀ ବାଲ୍ମିକୀ ଥାପର – ସଭ୍ୟ
- ଶ୍ରୀ ମହେନ୍ଦ୍ର ବ୍ୟାସ୍ - ସଭ୍ୟ
- ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟର ପ୍ରତିନିଧି – ସଭ୍ୟ
- ସଂପୃକ୍ତ ଅଞ୍ଚଳ ସହ ପରିଚିତ ଥିବା ବନ୍ୟଜନ୍ତୁ ବୈଜ୍ଞାନିକ – ସଭ୍ୟ
- ସଭ୍ୟ ସମ୍ପାଦକ , ଜାତୀୟ ବ୍ୟାଘ୍ର ସଂରକ୍ଷଣ ସଂସ୍ଥା (NTCA) – ସଭ୍ୟ
- ବନ୍ୟପ୍ରାଣୀ ବିଭାଗର ମହାନିରୀକ୍ଷକ – ପଦପ୍ରଯୁକ୍ତ ଆବାହକ

୩.୨ ବନ୍ୟଜନ୍ତୁ ଅବା ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ସଂକଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ଘୋଷଣା ପାଇଁ ରାଜ୍ୟ ତରଫରୁ ଆସିଥିବା ପ୍ରସ୍ତାବକ ଉପରେ କେନ୍ଦ୍ରୀୟ କମିଟି ବିଚାର କରିବେ । ପ୍ରସ୍ତାବ ଗ୍ରହଣ କରିବା ଦିବସ ଠାରୁ ୩୦ ଦିନ ମଧ୍ୟରେ ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳି ଘୋଷଣା କରାଯିବ ।

### ୩.୩ ରାଜ୍ୟସ୍ତରୀୟ କମିଟି

**(କ)** ରାଜ୍ୟ ସରକାର ନିମ୍ନୋକ୍ତ ପ୍ରକାରେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିବେ:

- ରାଜ୍ୟ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ - ଅଧକ୍ଷ
- ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟର ପ୍ରତିନିଧି – ସଭ୍ୟ
- ଭାରତ ସରକାରଙ୍କ ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟର ପ୍ରତିନିଧି – ସଭ୍ୟ

- ବନ୍ୟଜନ୍ତୁ କ୍ଷେତ୍ରରେ ଦୁଇଜଣ ରାଜ୍ୟସ୍ତରୀୟ ବିଜ୍ଞବ୍ୟକ୍ତି – ସଭ୍ୟ
- ସ୍ଥାନୀୟ ପ୍ରତିନିଧି (ସ୍ଥାନୀୟ ଅଞ୍ଚଳ/ ସମାଜବିଜ୍ଞାନୀ / ସଂରକ୍ଷଣ) – ସଭ୍ୟ
- ସଂରକ୍ଷିତ ଅଞ୍ଚଳ ପରିଚାଳକ – ପଦପ୍ରଯୁକ୍ତ ଆବାହକ

**୩.୪ ରାଜ୍ୟସ୍ତରୀୟ କମିଟି ନିମିତ୍ତ ନିର୍ଦ୍ଦେଶ ନିବନ୍ଧନ:**

(କ) ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଆବଶ୍ୟକ ଅକ୍ଷତ ଅଞ୍ଚଳର ପରିସୀମା ରାଜ୍ୟସ୍ତରୀୟ କମିଟି ନିର୍ଦ୍ଧାରଣ କରିବେ । ଅକ୍ଷତ ଅଞ୍ଚଳ ଅବା ତାହାର ପରିସୀମା ନିର୍ଦ୍ଧାରଣ କରିବା ସମୟରେ ଉକ୍ତ ମାର୍ଗଦର୍ଶିକାରେ ପ୍ରଦତ୍ତ ମାପକାଠି ସହ ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ପ୍ରସ୍ତାବ ମଧ୍ୟରେ ଥିବା ତଥ୍ୟ, ପ୍ରମାଣ ଓ ବିଶ୍ଳେଷଣ ତଥା ଅନ୍ୟାନ୍ୟ ବିବରଣୀ, ସ୍ଥାନୀୟସ୍ତରରେ ଅନୁଷ୍ଠିତ ହୋଇଥିବା ବିଚାରବିମର୍ଷ ପକ୍ରିୟାର ମତାମତ ତଥା ନିଜ ତରଫରୁ କରାଯାଇଥିବା ଅନୁସନ୍ଧାନ ଆଦିକୁ ଆଧାର କରି ବିଚାର କରିବେ ।

**(ଖ) ଏପରି ନିଷ୍ପତ୍ତି ନେବା ସମୟରେ ରାଜ୍ୟସ୍ତରୀୟ କମିଟି ଚାହିଁଲେ:**

- ସାକ୍ଷୀକୁ ସମନ କରିପାରିବେ ଅବା ଆବଶ୍ୟକୀୟ ଦସ୍ତାବିଜ ତଲବ କରିପାରିବେ ଅବା ନିଜେ ଅନୁସନ୍ଧାନ କରିପାରିବେ ଅବା ଅନ୍ୟ କୌଣସି ପଦକ୍ଷେପ ନେଇପାରିବେ, ଯାହାକି କମିଟି ଉପଯୋଗୀ ମନେ କରିବ । ଏହା ରାଜ୍ୟସ୍ତରୀୟ କମିଟିର ଅଧିକାର ପରିସରଭୁକ୍ତ ଅଟେ ।
- ପ୍ରସ୍ତାବିତ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ ଅଞ୍ଚଳରେ ମଧ୍ୟରେ ଥିବା ଗ୍ରାମସଭା ଅବା ଉକ୍ତ ସଂପଦାବଳୀ ଉପରେ ନିର୍ଭର କରି ଚଳୁଥିବା ଲୋକ, ସଂପୃକ୍ତ ଜାତୀୟ ଉଦ୍ୟାନ ବା ଅଭୟାରଣ୍ୟର ନିର୍ଦ୍ଦେଶକ, ବନଖଣ୍ଡ ଅଧିକାରୀ, ସେହି ଅଞ୍ଚଳରେ ସାମାଜିକ ଓ ପାରିବେଶିକ ସମସ୍ୟା ଉପରେ କାର୍ଯ୍ୟରତ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହ ବିଚାରବିମର୍ଷ କରିବେ ।

**(ଗ) ରାଜ୍ୟସ୍ତରୀୟ ବିଶେଷଜ୍ଞ କମିଟି ପୁନଶ୍ଚ ଚାହିଁଲେ:**

- ରାଜ୍ୟ ସରକାରଙ୍କୁ ଅତିରିକ୍ତ ସୂଚନା ପ୍ରଦାନ କରିବା ପାଇଁ ଅନୁରୋଧ କରିପାରିବେ ଅବା ଆସିଥିବା ପ୍ରସ୍ତାବକୁ କାରଣ ଦର୍ଶାଇ ଫେରାଇଦେଇ ପାରିବେ । ଏ ସମସ୍ତ କାର୍ଯ୍ୟଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧରେ କରିବାକୁ ପଡ଼ିବ ।
- ପ୍ରସ୍ତାବିତ ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳୀ ମଧ୍ୟରେ ଆସୁଥିବା ସମସ୍ତ ଗ୍ରାମସଭାଗୁଡ଼ିକୁ ଏ ସଂପର୍କରେ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି ନା ନାହିଁ ସେ ସମ୍ପର୍କରେ ଉକ୍ତ କମିଟି ସ୍ୱାଧିନ ଭାବେ ଯାଞ୍ଚ କରିପାରିବ
- ସଂପୃକ୍ତ ଅଞ୍ଚଳର ଗ୍ରାମସଭାର ଅନୁରୋଧକୁ ଆଧାର କରି କାର୍ଯ୍ୟ କରିପାରିବେ ଏବଂ ପ୍ରସ୍ତାବିତ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ ସଂପର୍କରେ ପ୍ରାସଙ୍ଗିକ ତଥ୍ୟ ଯୋଗାଡ଼ କରି ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇ ପାରନ୍ତି ।

(ଘ) ରାଜ୍ୟସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସମ୍ବନ୍ଧରେ ରାଜ୍ୟ ସରକାର ଅବା ବ୍ୟକ୍ତିବିଶେଷ ଅବା ପ୍ରଭାବିତ ଗ୍ରାମସଭା ନିଜର ମତାମତ ଅବା ଟିପ୍ପଣୀ ଅବା ଆପତ୍ତିଅଭିଯୋଗ ଅବା ଅତିରିକ୍ତ ପ୍ରମାଣ ଦାଖଲ କରିପାରିବେ । କିନ୍ତୁ ଏ ସମସ୍ତ କାର୍ଯ୍ୟ ରାଜ୍ୟ କମିଟି ଦ୍ୱାରା ହୋଇଥିବା ପ୍ରଥମ ଶୁଣାଣୀର ୩୦ ଦିନ ମଧ୍ୟରେ ହେବା ବାଞ୍ଛନୀୟ ।

(ଙ) ରାଜ୍ୟସ୍ତରୀୟ କମିଟି ଆସିଥିବା ସମସ୍ତ ନିବେଦନକୁ ବିଚାର କରି ୧୫ ଦିନ ମଧ୍ୟରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ଚୂଡ଼ାନ୍ତ ସୁପାରିଶ ପ୍ରଦାନ କରିବେ ।

## ୪. ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ପାଇଁ ଦରଖାସ୍ତ ସହିତ ଏହି ସୂଚନାଗୁଡ଼ିକ ଦେବା ଆବଶ୍ୟକ:

ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ପାଇଁ ଦରଖାସ୍ତ ଦେବାବେଳେ ରାଜ୍ୟସରକାର ନିମ୍ନଲିଖିତ ସୂଚନାଗୁଡ଼ିକ ଦରଖାସ୍ତରେ ଉଲ୍ଲେଖ କରିବେ:

(କ) ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଅଞ୍ଚଳର ଅବସ୍ଥିତି, ଭୌଗୋଳିକ ପରିସୀମା ଏବଂ ପାରିବେଶିକ ବିବରଣୀ ସହ ପ୍ରାସଙ୍ଗିକ ମାନଚିତ୍ର।

(ଖ) ପ୍ରସ୍ତାବିତ ସଙ୍କଟାପନ୍ନ ଆବାସସ୍ଥଳି ମଧ୍ୟରେ ଥିବା ମନୁଷ୍ୟମାନଙ୍କର ବାସସ୍ଥଳୀ ସହିତ ସେମାନଙ୍କର ଅର୍ଥନୈତିକ , ସାମାଜିକ ଏବଂ ଜନସଂଖ୍ୟା ତତ୍ତ୍ୱ।

(ଗ) ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ଘୋଷଣା ହେବାଦ୍ୱାରା ପ୍ରଭାବିତ ହେଉଥିବା ପରିବାର ଏବଂ ଗ୍ରାମର ତାଲିକା।

(ଘ) ପ୍ରସ୍ତାବିତ ଆବାସସ୍ଥଳୀ ସମ୍ପର୍କୀତ ହୋଇଥିବା ଅବା ଥିବା ବୈଜ୍ଞାନିକ ଅଧ୍ୟୟନର ବିବରଣୀ ସହ ଉକ୍ତ ଅଞ୍ଚଳର ଜୈବ ବିବଧତା ସମ୍ବନ୍ଧୀୟ ଦସ୍ତାବିଜ, ଯେଉଁଥିରେ କି ଉକ୍ତ ଅଞ୍ଚଳ ମଧ୍ୟରେ ଥିବା ପ୍ରଜାତି (ବନ୍ୟଜନ୍ତୁ, କୀଟପତଙ୍ଗ, ସରୀସୃପ, ବୃକ୍ଷରାଜି, ଗୁଳ୍ମଲତା ଆଦି) ସମ୍ବନ୍ଧରେ ସବିଶେଷ ତଥ୍ୟ ଯୋଗାଉଥିବ।

(ଙ) ମନୁଷ୍ୟ ଏବଂ ଜନ୍ତୁ ମଧରେ ସଂଘର୍ଷର ତଥ୍ୟ ଏବଂ ଜନ୍ତୁସଂଖ୍ୟା ଓ ସେମାନଙ୍କ ଆବାସସ୍ଥଳୀ ଉପରେ ମନୁଷ୍ୟ ଉପସ୍ଥିତିରେ ପ୍ରଭାବ ସମ୍ବନ୍ଧୀୟ ବିବରଣୀ ।

(ଚ) ପ୍ରସ୍ତାବିତ ବନ୍ୟପ୍ରାଣୀ ଆବାସସ୍ଥଳୀ ମଧରେ ବସବାସ କରୁଥିବା ଲୋକମାନଙ୍କର ଉକ୍ତ ଅଞ୍ଚଳ ଉପରେ ନିର୍ଭରଶୀଳତା ଓ ସେମାନଙ୍କର ଓ ଉକ୍ତ ଅଞ୍ଚଳ ମଧ୍ୟର ଥିବା ଜଙ୍ଗଲ ସଂପଦ ସହ ପାରସ୍ପାରିକ କ୍ରିୟା ଆଦି ସଂପର୍କରେ କରାଯାଇଥିବା ଅଧ୍ୟୟନର ବିବରଣୀ।

(ଛ) ପ୍ରସ୍ଥାବିତ ସଙ୍କଟାପନ୍ନ ବନ୍ୟପ୍ରାଣୀ ବାସସ୍ଥଳି ମଧରେ ଥିବା ଗ୍ରାମସଭାଗୁଡ଼ିକ ଦ୍ୱାରା ଗୃହୀତ ହୋଇଥିବା ପ୍ରସ୍ତାବ, ଯେଉଁଥିରେ ଉଲ୍ଲେଖ ଥିବ ଯେ, ସେମାନଙ୍କର ଅଧିକାର ସ୍ୱୀକୃତି ଓ ନ୍ୟସ୍ତ ହେବା ପକ୍ରିୟା ଶେଷ ହୋଇଯାଇଛି।

(ଜ) ଗ୍ରାମସଭାର ପ୍ରସ୍ତାବ ନିଶ୍ଚିତ କରୁଥିବା ଦରକାର ଯେ, ପ୍ରଭାବିତ ଗ୍ରାମସଭାଗୁଡ଼ିକ ଲିଖିତ ଆକାରରେ ସେମାନଙ୍କର ବାସସ୍ଥାନ ଏବଂ ବାସସ୍ଥଳିଗୁଡ଼ିକୁ ସଙ୍କଟାପନ୍ନ ବାସସ୍ଥଳି ଅର୍ନ୍ତଭୁକ୍ତ କରିବାକୁ ଚାହୁଁଛନ୍ତି ଏବଂ ରାଜ୍ୟସରକାରଙ୍କ ଦ୍ୱାରା ପ୍ରସ୍ତୁତ ସଙ୍କଟାପନ୍ନ ଆବାସସ୍ଥଳି ପ୍ରସ୍ତାବର ଏକ ନକଲ ତାଙ୍କୁ ଦିଆଯାଇଛି।

(ଝ) ରାଜ୍ୟ ସରକାର ସୁନିଶ୍ଚିତ କରିବା ଦରକାର ଯେ, ଆଇନ୍‌ରେ ଥିବା ଧାରା ୪(୨) (ଖ) ଏବଂ ୪ (୨) (ଗ) ଆବଶ୍ୟକତା ଓ ଆଧାର ମତେ ସମସ୍ତ କାର୍ଯ୍ୟଗୁଡ଼ିକୁ ସଂପୂର୍ଣ୍ଣ କରାଯାଇଛି।

## ୫. ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ନିରୂପଣ କରିବା ପାଇଁ ବିଚାରବିମର୍ଷ:

(୧) ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ ସମ୍ବନ୍ଧୀତ ପ୍ରସ୍ତାବ ଉପରେ ରାଜ୍ୟସ୍ତରୀୟ କମିଟି ନିମ୍ନମତେ ଖୋଲା ବିଚାରବିମର୍ଷ ପକ୍ରିୟା କରିପାରିବ:

(କ) ନିରୂପିତ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳି ମଧ୍ୟରେ ଅବା ତତ୍‌ନିକଟରେ ରାଜ୍ୟସ୍ତରୀୟ ବିଶେଷଜ୍ଞ କମିଟି ଏକ ବା ଏକାଧିକ ଶୁଣାଣି କରିପାରିବ। ପ୍ରଭାବିତ ହେଉଥିବା ସମସ୍ତ ଲୋକ ଯେପରି ଶୁଣାଣୀ ସମୟରେ ଉପସ୍ଥିତ ହୋଇପାରିବେ ଓ ସେମାନଙ୍କର ମତାମତ ଦେଇ ପାରିବେ, ତତ୍‌ସମ୍ପର୍କୀତ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦରକାର।

(ଖ) ଜନଶୁଣାଣୀ ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖର ଅତିକମ୍‌ରେ ୩୦ ଦିନ ପୂର୍ବରୁ ସ୍ଥାନୀୟ ଲୋକମାନେ ଏ ସଂପର୍କରେ ଯେପରି ଅବଗତ ହୋଇପାରିବେ, ତାହା ପାଇଁ ସମସ୍ତ ପଦକ୍ଷେପ ନେବା ଆବଶ୍ୟକ। ଏଥିପାଇଁ ରାଜ୍ୟସ୍ତରୀୟ ବିଶେଷଜ୍ଞ ଦଳ

ସ୍ଥାନୀୟ ଭାଷାରେ ଶୁଣାଣୀ ସମ୍ପର୍କୀତ ନିର୍ଦ୍ଦେଶନାମାକୁ ଭାଷାନ୍ତର କରି ସର୍ବସାଧାରଣ ସ୍ଥାନରେ ଲଗାଇବା ସହ, ରେଡ଼ିଓ ଓ ୱେବ୍ ସାଇଟ୍‌ରେ ପ୍ରଚାର କରିବେ । ଏତଦ୍‌ବ୍ୟତିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରଚାରପ୍ରସାର ବ୍ୟବସ୍ଥାକୁ ମଧ୍ୟ ଗ୍ରହଣ କରିପାରିବେ ।

**(ଗ)** ପ୍ରସ୍ତାବିତ ଜନଶୁଣାଣୀରେ ଅତିରିକ୍ତ ବିଶେଷଜ୍ଞମାନଙ୍କୁ ଉପସ୍ଥିତ ରହିବା ଅବା ଅଂଶଗ୍ରହଣ କରିବା ପାଇଁ ଗ୍ରାମସଭା ତା ତରଫରୁ ଆମନ୍ତ୍ରଣ କରିପାରିବ ।

(୨) ***ସ୍ଥାନୀୟ ଭାଷାରେ ପ୍ରସ୍ତାବିତ ଜନଶୁଣାଣୀ ଅନୁଷ୍ଠିତ ହେବ:***

**(କ)** ପ୍ରସ୍ତାବିତ ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀର ସ୍ଥାନ, ଅବସ୍ଥିତି ଓ ପରିସୀମାର ଉପସ୍ଥାପନ,

**(ଖ)** ପ୍ରସ୍ତାବିତ ପ୍ରସ୍ତାବ ଦ୍ୱାରା ପ୍ରଭାବିତ ହେଉଥିବା ବିଭିନ୍ନ ଆବାସସ୍ଥଳୀ ଓ ବସବାସ କରୁଥିବା ଲୋକମାନଙ୍କର ସଂପୂର୍ଣ୍ଣ ବିବରଣୀ,

**(ଗ)** ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟକୁ ଦେଇଥିବା ଦରଖାସ୍ତରେ ବର୍ଣ୍ଣିତ ସମସ୍ତ ତଥ୍ୟ ଓ ସୂଚନା ।

ଯେଉଁ ଅଞ୍ଚଳ ପାଇଁ ଶୁଣାଣି ହେଉଥିବ, ସେହି ଅଞ୍ଚଳରେ ବସବାସ କରୁଥିବା ମୋଟ ସାବାଳକ/ସାବାଳିକା ସଂଖ୍ୟାର ଅତିକମ୍‌ରେ ଦୁଇ ତୃତୀୟାଂଶ ଉପସ୍ଥିତ ରହିବା ଆବଶ୍ୟକ । ଯଦି ପ୍ରସ୍ତାବିତ ଶୁଣାଣୀରେ ଧାର୍ଯ୍ୟ ମୁତାବକ ଲୋକ ଅନୁପସ୍ଥିତ ରୁହନ୍ତି, ତେବେ ଶୁଣାଣୀକୁ ନାକଚ କରାଯାଇ ପୁନଃର୍ବାର ଆହ୍ୱାନ କରାଯିବ । ସେଥିପାଇଁ ପୁନଶ୍ଚ ସ୍ଥାନୀୟ ଲୋକମାନଙ୍କ ଗୋଚର ନିମନ୍ତେ ଉପରେ ବର୍ଣ୍ଣିତ ବ୍ୟବସ୍ଥା ମତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଦ୍ୱିତୀୟଥର ବୈଠକରେ ଅତିକମ୍‌ରେ ୫୦ ପ୍ରତିଶତ ସାବାଳକ/ସାବାଳିକା ଉପସ୍ଥିତ ରହିବା ଦରକାର ।

## ୬. ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପରବର୍ତ୍ତୀ ପଦକ୍ଷେପ:

**(କ)** ରାଜ୍ୟସ୍ତରୀୟ ବିଶେଷଜ୍ଞ କମିଟିର ସୁପାରିସକୁ ଆଧାର କରି କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସଙ୍କଟାପନ୍ନ ବନ୍ୟଜନ୍ତୁ ଆବାସସ୍ଥଳି ଘୋଷଣା କରିପାରିବ । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା ସମ୍ପର୍କୀତ ବିଜ୍ଞପ୍ତିକୁ ପ୍ରକାଶ କରିବ ।

**(ଖ)** ଏହି ବିଜ୍ଞପ୍ତି ଇଁରାଜୀ ତଥା ସଂପୃକ୍ତ ରାଜ୍ୟର ମାନ୍ୟତା ପ୍ରାପ୍ତ ସରକାରୀ ଭାଷାରେ ପ୍ରକାଶ କରିବ । ଏତଦ୍‌ବ୍ୟତିତ ୱେବ୍ ସାଇଟ୍‌ରେ ମଧ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ଥାନିତ କରାଯିବ ।

**(ଗ)** ସଙ୍କଟାପନ୍ନ ବନ୍ୟପ୍ରାଣୀ ଆବାସସ୍ଥଳୀ ସମ୍ପର୍କୀତ ସର୍ବଶେଷ ବିଜ୍ଞପ୍ତି ଜାରି ହେବା ପରେ ନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନକୁ ଅକ୍ଷତ ରଖିବା ନିମନ୍ତେ କେନ୍ଦ୍ର ସରକାର ସୂଚିତ ଜଙ୍ଗଲ ଅଧିକାର ଆଇନ୍‌ର ଧାରା ୪ (୨) ଅନୁଯାୟୀ ଆବଶ୍ୟକୀୟ ପକ୍ରିୟାର ଅୟମାରମ୍ଭ କରିବେ । ଏହି ପକ୍ରିୟାରେ ସ୍ୱୀକୃତି ପ୍ରାପ୍ତ ଓ ନ୍ୟସ୍ତ ହୋଇଥିବା ସମସ୍ତ ଜଙ୍ଗଲାଧିକାରକୁ ସଂଶୋଧନ ଅବା ପରିବର୍ତ୍ତନ ଅବା ପୁନଃଥଇଥାନ କରିବେ ।

***************

**ଜନସାଧାରଣଙ୍କ ଅବଗତି ନିମନ୍ତେ ବସୁନ୍ଧରା, ଭୁବନେଶ୍ୱର ଦ୍ୱାରା ମୂଳ ଇଁରାଜୀ ଭାଷାରୁ ଅନୁବାଦ କରାଯାଇଛି । କେତେକ ସ୍ଥଳେ ବୋଧଗମ୍ୟ ଦୃଷ୍ଟିକୋଣରୁ ମୂଳ ବାକ୍ୟକୁ ଭାଙ୍ଗି ଛୋଟ ଛୋଟ ବାକ୍ୟରେ ଲେଖାଯାଇଛି । କିନ୍ତୁ ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରାଯାଇଛି । କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍ ସାଇଟ୍‌ରେ ମୂଳ ମାର୍ଗଦର୍ଶିକା ସ୍ଥାନିତ କରାଯାଇଛି । ଏ ସଂପର୍କରେ ଅଧିକ ସୂଚନା ପାଇଁ ନିକଟସ୍ଥ ବନ ବିଭାଗ କିମ୍ବା ଆଦିବାସୀ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିପାରନ୍ତି ଅବା ବସୁନ୍ଧରା ସହ ଯୋଗାଯୋଗ କରିପାରନ୍ତି । ବସୁନ୍ଧରା ସହ ଯୋଗାଯୋଗ କରିବାର ଠିକଣା ପ୍ରଥମ ପୃଷ୍ଠାରେ ଉଲ୍ଲେଖ କରାଯାଇଛି ।**